# NATIONAL NEWS BULLETIN (ODIA)
## 13 March - 2025
## Evening Bulletin : 7.15 P.M.

*********************************

## ମୁଖ୍ୟ ସମ୍ବାଦ

- ବିଶ୍ୱ ଦୃଶ୍ୟଶ୍ରାବ୍ୟ ଏବଂ ମନୋରଞ୍ଜନ ଶିଖର ସମ୍ମିଳନୀ ୱେଭ୍ସ୨୦୨୫ ଆୟୋଜନ ପୂର୍ବରୁ ନୂଆଦିଲ୍ଲୀରେ ଏ ସମ୍ପର୍କିତ ବୈଠକ ଅନୁଷ୍ଠିତ ।
- ହୋଲି ପର୍ବ ପାଳନ ଅବସରରେ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଲେ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ ।
- ଦେଶର ୪ଟି ପ୍ରମୁଖ ହରଡ଼ ଉତ୍ପାଦନକାରୀ ରାଜ୍ୟରେ ବୃଦ୍ଧି ପାଇଛି ହରଡ଼ କ୍ରୟ ।

– ଏ ପର୍ଯ୍ୟନ୍ତ କ୍ରୟ ହୋଇଛି ୧ଲକ୍ଷ ୩୧ ହଜାର ମେଟ୍ରିକ୍ ଟନ୍ ।

- ଶବ୍ଦ ପୋର୍ଟାଲ୍‌ର ଅବଧିକୁ ଆଉ ୧ ବର୍ଷ ପାଇଁ ବୃଦ୍ଧି କଲା ପ୍ରସାର ଭାରତୀ ।

ଏବଂ

- ମହିଳା ପ୍ରିମିୟର୍ କ୍ରିକେଟ୍ ଲିଗ୍ ପ୍ରତିଯୋଗିତାରେ ଆଉ ଅଳ୍ପ ସମୟ ପରେ ମୁମ୍ବାଇ ଇଣ୍ଡିଆନ୍ସ ଓ ଗୁଜରାଟ ଜାଏଣ୍ଟସ୍ ମଧ୍ୟରେ ଆରମ୍ଭ ହେବ ମୁକାବିଲା ।

# ୱେଭ୍ସ-ଦିଲ୍ଲୀ ଇଭେଣ୍ଟ

ମୁମ୍ବାଇରେ ଆସନ୍ତା ମେ ମାସରେ ବିଶ୍ୱ ଦୃଶ୍ୟଶ୍ରାବ୍ୟ ଏବଂ ମନୋରଞ୍ଜନ ଶିଖର ସମ୍ମିଳନୀ ୱେଭ୍ସ୨୦୨୫ ଆୟୋଜନ ପୂର୍ବରୁ ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍ ଜୟଶଙ୍କର ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଆଜି ନୂଆଦିଲ୍ଲୀରେ ଏକ ବୈଠକରେ ଯୋଗଦେଇଛନ୍ତି । ଅଡିଓ, ଭିଡ଼ିଓ ଓ ମନୋରଞ୍ଜନ କ୍ଷେତ୍ରରେ ବିଶ୍ୱରେ ଏବେ ବ୍ୟାପକ ପରିବର୍ତ୍ତନ ପରିଲକ୍ଷିତ ହେଉଥିବା ଶ୍ରୀ ବୈଷ୍ଣବ କହିଛନ୍ତି ।

**V/O**

ବୈଠକରେ ସୂଚନା ଓ ପ୍ରସାରଣ ରାଷ୍ଟ୍ର ମନ୍ତ୍ରୀ ଡକ୍ଟର ଏଲ୍. ମୁରୁଗାନ ଏବଂ ଆୟୋଜକ ରାଜ୍ୟ ମହାରାଷ୍ଟ୍ରର ମୁଖ୍ୟମନ୍ତ୍ରୀ  ଦେବେନ୍ଦ୍ର ଫଡ଼ଣାବିସ୍ ଉପସ୍ଥିତ ଥିଲେ ।

ଦ୍ରୁତ ଗତିରେ ବୃଦ୍ଧି ପାଉଥିବା ଗଣମାଧ୍ୟମ ଏବଂ ମନୋରଞ୍ଜନ କ୍ଷେତ୍ର ପାଇଁ ଏକ ସମନ୍ୱିତ ବିଶ୍ୱସ୍ତରୀୟ ମଞ୍ଚ ଭାବରେ ୱେଭ୍ସ କାର୍ଯ୍ୟ କରିବ ବୋଲି ଆଶାରଖାଯାଇଛି ।

ସୂଚନା ଯୋଗ୍ୟ ଆସନ୍ତା ମେ ମାସ ୧ରୁ ୪ ତାରିଖ ପର୍ଯ୍ୟନ୍ତ ମୁମ୍ବାଇରେ (ୱେଭ୍ସ) ସମ୍ମିଳନୀର ପ୍ରଥମ ସଂସ୍କରଣ ଅନୁଷ୍ଠିତ ହେବ । ସମ୍ମିଳନୀରେ ଶତାଧିକ ରାଷ୍ଟ୍ରଦୂତ ଓ ହାଇ କମିଶନ୍ ମଧ୍ୟ ଯୋଗ ଦେବେ ।

# ପ୍ରେସିଡେଣ୍ଟ-ହୋଲି

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ହୋଲିପର୍ବ ଅବସରରେ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ରଙ୍ଗର ପର୍ବ ହୋଲି ସମସ୍ତଙ୍କ ଜୀବନରେ ସୁଖସମୃଦ୍ଧି ଆଣିଦେଉ ବୋଲି ରାଷ୍ଟ୍ରପତି  ଆଶାବ୍ୟକ୍ତ କରିଛନ୍ତି । ସମାଜର ବିଭିନ୍ନ ବର୍ଗର ଲୋକଙ୍କ ମଧ୍ୟରେ ଏହି ପର୍ବ ଏକତାର ପ୍ରତୀକ ଭାବେ ପାଳନ କରାଯାଇଥାଏ । ଅସତ୍ୟ ଉପରେ ସତ୍ୟର ଜୟ ଏବଂ ସମାଜରେ ଭଲପାଇବାର ବାର୍ତ୍ତାକୁ ଏହି ପର୍ବ ପ୍ରଚାର କରିଥାଏ ବୋଲି ରାଷ୍ଟ୍ରପତି କହିଛନ୍ତି ।

# ପିଏମ୍-ହୋଲି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପବିତ୍ର ହୋଲି ଅବସରରେ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମର ଏକ ପୋଷ୍ଟରେ ଶ୍ରୀ ମୋଦୀ ତାଙ୍କ ବାର୍ତ୍ତାରେ ଲେଖିଛନ୍ତି – ଏହି ଉତ୍ସବ ସମସ୍ତଙ୍କ ଜୀବନରେ ଶକ୍ତି ଓ ଉତ୍ସାହ ଭରିଦେବା ସହିତ ସମସ୍ତଙ୍କ ପାଇଁ ଖୁସି ଓ ଆନନ୍ଦ ଆଣିଦେଉ । ଦେଶବାସୀଙ୍କ ମଧ୍ୟରେ ଏକତାର ରଙ୍ଗ ଆହୁରି ନିବିଡ଼ ହେଉ ବୋଲି ପ୍ରଧାନମନ୍ତ୍ରୀ କାମନା କରିଛନ୍ତି ।

# ଡାଲି କ୍ରୟ

ଆନ୍ଧ୍ରପ୍ରଦେଶ, ଗୁଜରାଟ, କର୍ଣ୍ଣାଟକ, ମହାରାଷ୍ଟ୍ର ଏବଂ ତେଲଙ୍ଗାନା ଭଳି ପ୍ରମୁଖ ହରଡ଼ ଉତ୍ପାଦନକାରୀ ରାଜ୍ୟରେ ହରଡ଼ କ୍ରୟ ବୃଦ୍ଧି ପାଇଛି । କୃଷି ଓ କୃଷକ କଲ୍ୟାଣ ମନ୍ତ୍ରଣାଳୟ ଦେଇଥିବା ସୂଚନା ଅନୁଯାୟୀ ଏହି ରାଜ୍ୟ ଗୁଡ଼ିକରୁ ମୋଟ୍ ୧ ଲକ୍ଷ ୩୧ ହଜାର ମେଟ୍ରିକ୍ ଟନ୍ ହରଡ଼ କ୍ରୟ କରାଯାଇଛି । ଏହାଦ୍ୱାରା ୮୯ ହଜାର ୨୧୯ ଜଣା ଚାଷୀ ଉପକୃତ ହୋଇଛନ୍ତି । ମନ୍ତ୍ରଣାଳୟ କହିଛି, ଶତପ୍ରତିଶତ ସର୍ବନିମ୍ନ ସହାୟକ ମୂଲ୍ୟରେ ଡାଲି କିଣିବାକୁ ସରକାର ପ୍ରତିଶ୍ରୁତିବଦ୍ଧ । ଅନ୍ୟ ରାଜ୍ୟ ଗୁଡ଼ିକରୁ ମଧ୍ୟ ଖୁବ୍ ଶୀଘ୍ର ହରଡ଼ ଡାଲି କ୍ରୟ କରାଯିବ ବୋଲି ମନ୍ତ୍ରଣାଳୟ ସୂଚନା ଦେଇଛି ।

# ପିଏମ୍-ସୂର୍ଯ୍ୟଘର

ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ମାଗଣା ବିଜୁଳି ଯୋଜନା ଅଧୀନରେ ସମଗ୍ର ଦେଶରେ ଇତିମଧ୍ୟରେ ୧୦ଲକ୍ଷ ୯ ହଜାର ପ୍ରତିଷ୍ଠାନ ଅନ୍ତର୍ଭୁକ୍ତ ହୋଇଛି । ନବୀକରଣ ଅକ୍ଷୟ ଶକ୍ତି ମନ୍ତ୍ରଣାଳୟ କହିଛି, ଏ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ ହୋଇଛି । ଚଣ୍ଡିଗଡ଼, ଦାମନ ଓ ଡିଉ ଅଞ୍ଚଳରେ ଏହି ଯୋଜନା ଶତପ୍ରତିଶତ ସଫଳତା ହାସଲ କରିଛି । ସ୍ୱଚ୍ଛ ଶକ୍ତି ସଂଗ୍ରହ ଦିଗରେ ଏହା ବେଶ୍ ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହୋଇଛି । ରାଜସ୍ଥାନ,

ମହାରାଷ୍ଟ୍ର, ଗୁଜରାଟ ଏବଂ ତାମିଲନାଡୁ ଭଳି ରାଜ୍ୟ ମଧ୍ଯ ଏହି ଯୋଜନା ଅଧୀନରେ ଉଲ୍ଲେଖନୀୟ ପ୍ରଦର୍ଶନ କରିଛନ୍ତି ବୋଲି ମନ୍ତ୍ରଣାଳୟ କହିଛି । ଦେଶର ସ୍ୱଚ୍ଛ ଶକ୍ତି କ୍ଷେତ୍ରକୁ ଏହା ସଶକ୍ତ କରିଛି ବୋଲି ମନ୍ତ୍ରଣାଳୟ କହିଛି । ଏହି ଯୋଜନା ଦ୍ୱାରା ପାରମ୍ପରିକ ଶକ୍ତି ଉତ୍ସ ଉପରେ ନିର୍ଭରଶୀଳତା ହ୍ରାସ ପାଇଛି । କାର୍ବନ ନିର୍ଗମନ ହ୍ରାସ କରିବା ସହ ପରିବେଶ ଅଧିକ ସନ୍ତୁଳିତ ହୋଇପାରୁଛି । ଏହି ଯୋଜନା ଅଧୀନରେ ସମଗ୍ର ଦେଶରେ ହିତାଧିକାରୀଙ୍କୁ ୪ ହଜାର ୭୭୦ କୋଟି ଟଙ୍କା ପ୍ରଦାନ କରାଯାଇଥିବା ମନ୍ତ୍ରଣାଳୟ ସୂତ୍ରରୁ ଜଣାପଡ଼ିଛି । ଏପରିକି ବ୍ୟାଙ୍କ୍ ମାଧ୍ୟମରେ ଏହି ଯୋଜନା ଅଧୀନରେ ହିତାଧିକାରୀଙ୍କୁ ଋଣ ସହାୟତାର ବ୍ୟବସ୍ଥା ମଧ୍ଯ ରହିଛି । ଉତ୍ପାଦିତ ବଳକା ବିଜୁଳି ଶକ୍ତିକୁ ବିକ୍ରୟ ମାଧ୍ୟମରେ ହିତାଧିକାରୀଙ୍କର ଆର୍ଥିକ କ୍ଷେତ୍ର ସୁଦୃଢ଼ ହୋଇପାରିଛି ବୋଲି ମନ୍ତ୍ରଣାଳୟ କହିଛି ।

## ଶବ୍ଦ ପୋର୍ଟାଲ୍

ପ୍ରସାର ଭାରତୀ ଶବ୍ଦ ପୋର୍ଟାଲ ଚଳିତ ମାସରେ ଏକ ବର୍ଷ ପୂରଣ କରିଛି । ଏହି ସେବାକୁ ଆହୁରି ଏକ ବର୍ଷ ପାଇଁ ପ୍ରସାର ଭାରତୀ ବୃଦ୍ଧି କରିଛି । ଆସନ୍ତା ବର୍ଷ ମାର୍ଚ୍ଚ ମାସ ପର୍ଯ୍ୟନ୍ତ ଏହି ପୋର୍ଟାଲ୍ ମାଧ୍ୟମରେ ନିଶୁଳ୍କ ସେବା ପ୍ରଦାନ କରାଯିବ । ବିଶେଷ କରି କ୍ଷୁଦ୍ର ଗଣମାଧ୍ୟମ ସଂସ୍ଥାକୁ ଏହି ପୋର୍ଟାଲ୍ ଅଧିକ ସହାୟତା ପ୍ରଦାନ କରୁଛି । ସୂଚନା ଓ ପ୍ରସାରଣ

ମନ୍ତ୍ରଣାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ସାମ୍ବାଦିକ, ପ୍ରତିନିଧି ଏବଂ ରିପୋର୍ଟରଙ୍କ ଦେଢ଼ ହଜାରରୁ ଊର୍ଦ୍ଧ୍ୱ ନେଟ୍‌ୱର୍କ ଏହି ପୋର୍ଟାଲ୍ ପାଇଁ କାର୍ଯ୍ୟ କରୁଛନ୍ତି । ଏଥିସହ ୬୦ଟି ଉତ୍ସର୍ଗୀକୃତ ସମ୍ପାଦନା ଡେସ୍କ ଅହରାତ୍ର ଏହି ପୋର୍ଟାଲ୍ ପାଇଁ କାର୍ଯ୍ୟ କରୁଥିବା ମନ୍ତ୍ରଣାଳୟ ସୂଚନା ଦେଇଛି । କୃଷି, ବୈଷୟିକ, ଜ୍ଞାନକୌଶଳ, ବୈଦେଶିକ ବ୍ୟାପାର, ରାଜନୈତିକ ବିକାଶ ଆଦି ବିଭିନ୍ନ କ୍ଷେତ୍ରର ୫୦ରୁ ଅଧିକ ସମ୍ବାଦବର୍ଗକୁ ନେଇ ପ୍ରତିଦିନ ୧ ହଜାରରୁ ଅଧିକ ପ୍ରସଙ୍ଗ ପ୍ରମୁଖ ଭାରତୀୟ ଭାଷାରେ ଏହି ପୋର୍ଟାଲ୍‌ରେ ଉପଲବ୍ଧ ହୋଇଥାଏ ।

## ଓଡ଼ିଶା-ବି.ଏଡ୍

ନୂତନ ଶିକ୍ଷା ନୀତି ୨୦୨୦ ଅନୁଯାୟୀ ଓଡ଼ିଶାର ଛାତ୍ରଛାତ୍ରୀମାନେ ଯୁକ୍ତ ଦୁଇ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ପରେ ସିଧାସଳଖ ବି.ଏଡ୍ ପାଠ୍ୟକ୍ରମରେ ନାମ ଲେଖାଇପାରିବେ । ଆଇ.ଟି.ଇ.ପି. ପରୀକ୍ଷା ଦେଇ ଯୋଗ୍ୟ ଛାତ୍ରଛାତ୍ରୀମାନେ ବି.ଏଡ୍ ପାଠ୍ୟକ୍ରମରେ ନାମ ଲେଖାଇବେ । ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶି ସୂରଜ ଆଜି କହିଛନ୍ତି, ରାଜ୍ୟରେ ୧୬ଟି ସରକାରୀ ପ୍ରଶିକ୍ଷଣ ପ୍ରତିଷ୍ଠାନରେ ଛାତ୍ରଛାତ୍ରୀମାନଙ୍କୁ ବି.ଏଡ୍ ପାଠ୍ୟକ୍ରମର ସୁବିଧା ମିଳିବ । ପୂର୍ବରୁ ଯୁକ୍ତ ଦୁଇ ପାଠ୍ୟକ୍ରମ ପରେ ବି.ଏଡ୍ ପାଠ୍ୟକ୍ରମରେ ଉତ୍ତୀର୍ଣ୍ଣ ହେବା ପାଇଁ ୫ ବର୍ଷ ସମୟ ଲାଗୁଥିଲା । ନୂତନ

ବ୍ୟବସ୍ଥା ଦ୍ୱାରା ୪ ବର୍ଷ ସମୟ ମଧ୍ୟରେ ଛାତ୍ରଛାତ୍ରୀମାନେ ବି.ଏଡ୍ ଡିଗ୍ରୀ ହାସଲ କରିପାରିବେ ବୋଲି ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶି କହିଛନ୍ତି ।

## ସ୍ପୋର୍ଟ୍ସ ଏଜ୍ ଫ୍ରଡ୍

କ୍ରୀଡ଼ା କ୍ଷେତ୍ରରେ ବୟସ ଜନିତ ଠକାମିକୁ ରୋକିବା ସହିତ ଉପଯୁକ୍ତ ଖେଳାଳି ଚୟନ ଓ ନିରପେକ୍ଷ ପ୍ରତିଯୋଗିତା ସୁନିଶ୍ଚିତ କରିବା ଲାଗି ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ  ପକ୍ଷରୁ ପଦକ୍ଷେପ ନିଆଯାଇଛି । ମନ୍ତ୍ରଣାଳୟ ସମସ୍ତ ଅଂଶିଦାର ଓ ଜନସାଧାରଣଙ୍କ ଠାରୁ କ୍ରୀଡ଼ା କ୍ଷେତ୍ରରେ ବୟସ ଜନିତ ଠକାମି ରୋକିବା ଲାଗି ହେବାକୁ ଥିବା ଜାତୀୟ କୋଡ୍ ଚିଠା ପ୍ରସ୍ତୁତ କରିବାକୁ ମତାମତ ଆହ୍ୱାନ କରିଛି । ପ୍ରସ୍ତାବିତ କୋଡ୍‌ରେ ବୟସ ଲୁଚାଇବା ଓ ଭୁଲ ବୟସ ପ୍ରଦାନ କରିବା କ୍ଷେତ୍ରରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାର ବ୍ୟବସ୍ଥା ରହିଛି । ସମସ୍ତ ଅଂଶିଦାର ଓ ଜନସାଧାରଣ ଚଳିତ ମାସ ୩୧ ତାରିଖ ମଧ୍ୟରେ ସେମାନଙ୍କର ମତାମତ ଦେବା ପାଇଁ ମନ୍ତ୍ରଣାଳୟ ପକ୍ଷରୁ ଆହ୍ୱାନ କରାଯାଇଛି ।

## ଡବ୍ଲ୍ୟୁପିଏଲ୍-କ୍ରିକେଟ୍

ମହିଳା ପ୍ରିମିୟରଲିଗ୍ କ୍ରିକେଟ୍‌ରେ ଆଉ ଅଳ୍ପ ସମୟ ପରେ ମୁମ୍ବାଇର ବ୍ରାବୋର୍ଣ୍ଣ ଷ୍ଟାଡିୟମ୍‌ରେ ମୁମ୍ବାଇ ଇଣ୍ଡିଆନ୍ସ ଏବଂ ଗୁଜରାଟ ଜାଏଣ୍ଟସ୍

ମଧ୍ୟରେ ମ୍ୟାଚ୍ ଖେଳାଯିବ ଟସ୍ ଜିତି ଗୁଜରାଟ ଜାଏଣ୍ଟସ୍ ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଛି । ସନ୍ଧ୍ୟା ୭ଟା ୩୦ ମିନିଟ୍‌ରେ ହେବାକୁ ଥିବା ଏହି ଏଲିମିନେଟର ପର୍ଯ୍ୟାୟ ମ୍ୟାଚ୍‌ର ବିଜେତା ଦଳ ଦିଲ୍ଲୀ କ୍ୟାପିଟାଲ୍ସ ସହ ଫାଇନାଲ୍ ମ୍ୟାଚ୍ ଖେଳିବ । ପଏଣ୍ଟ ତାଲିକାରେ ଦିଲ୍ଲୀ କ୍ୟାପିଟାଲ୍ସ ସର୍ବାଧିକ ୧୦ ପଏଣ୍ଟ ସହ ଫାଇନାଲ୍‌ରେ ସ୍ଥାନ ସୁରକ୍ଷିତ ରଖିଥିବା ବେଳେ ମୁମ୍ବାଇ ଇଣ୍ଡିଆନ୍ସ ଦ୍ୱିତୀୟ ଏବଂ ଗୁଜରାଟ ଜାଏଣ୍ଟସ୍ ତୃତୀୟ ସ୍ଥାନରେ ରହିଛନ୍ତି ।

## ଶ୍ରୀଲଙ୍କା-ଇଣ୍ଡିଆ ଗିଫ୍ଟ

ଶ୍ରୀଲଙ୍କାର ଅନୁରୋଧକୁ ରକ୍ଷା କରି ଭାରତ ୫୦ ହଜାର ସିସି ଫରୋସେମାଇଡ୍ ଇଞ୍ଜେକ୍‌ସନ୍ ସେଠାକୁ ପଠାଇଛି । ଭାରତୀୟ ଉଚ୍ଚାୟୁକ୍ତ ସନ୍ତୋଷ ଝା ଏହି ଔଷଧକୁ ସେଠାକାର ସ୍ୱାସ୍ଥ୍ୟ ମନ୍ତ୍ରୀ ଡକ୍ଟର ନଳିନ୍ଦ ଜୟାତିଶାଙ୍କୁ ପ୍ରଦାନ କରିଛନ୍ତି । ଶ୍ରୀଲଙ୍କାର ସ୍ୱାସ୍ଥ୍ୟ କ୍ଷେତ୍ରରେ ଭାରତ ସବୁବେଳେ ସହଯୋଗୀର ଭୂମିକା ନିର୍ବାହ କରି ଆସୁଛି । କୋଭିଡ୍ ନାଇଣ୍ଟିନ୍ ମହାମାରୀ ସମୟରେ ଭାରତ ଶ୍ରୀଲଙ୍କାକୁ ପର୍ଯ୍ୟାପ୍ତ ପରିମାଣର ଭ୍ୟାକ୍‌ସିନ୍ ଯୋଗାଇଥିଲା ।

## ୱିଣ୍ଟର ଗେମ୍ସ

ଇଟାଲିର ତୁରିନ୍‌ରେ ଚାଲିଥିବା ସ୍ୱତନ୍ତ୍ର ବିଶ୍ୱ ଶୀତକାଳୀନ ଅଲିମ୍ପିକ୍ସ କ୍ରୀଡ଼ାରେ ଭାରତ ଆଜି ଦ୍ୱିତୀୟ ଦିନରେ ଦୁଇଟି ସ୍ୱର୍ଣ୍ଣ, ଦୁଇଟି ରୌପ୍ୟ ଓ ଗୋଟିଏ ବ୍ରୋଞ୍ଜ ପଦକ ହାସଲ କରିଛି । ଟୁର୍ଣ୍ଣାମେଣ୍ଟରେ ହେବାକୁ ଥିବା ୮ଟି କ୍ରୀଡ଼ା ମଧ୍ୟରୁ ଭାରତୀୟ ଦଳ ସ୍ନୋ ବୋର୍ଡିଂ, ଆଲ୍‌ପାଇନ୍ ସ୍କାଇନ୍, ସ୍ପିଡ୍ ସ୍କେଟିଂ ଭଳି ୬ଟି କ୍ରୀଡ଼ାରେ ଅଂଶଗ୍ରହଣ କରୁଛି ।

## ବ୍ୟାଡ୍‌ମିଣ୍ଟନ୍

ବର୍ମିଂହାମ୍ ଠାରେ ଚାଲିଥିବା ଅଲ୍ ଇଂଲଣ୍ଡ ଓପନ୍ ବ୍ୟାଡ୍‌ମିଣ୍ଟନ୍ ଚାମ୍ପିୟନ୍‌ସିପ୍‌ର ମହିଳା ବର୍ଗରେ ମାଳବିକା ବଂଶଦଙ୍କ ପରାଜୟ ସହ ଭାରତୀୟ ମହିଳା ଏକକ ବିଭାଗର ଅଭିଯାନ ଶେଷ ହୋଇଛି । ବିଶ୍ୱ ମାନ୍ୟତାର ୨୮ନମ୍ବର ଖେଳାଳି ମାଳବିକା ବଂଶଦ ୩ ନମ୍ବର ଖେଳାଳି ଜାପାନ୍‌ର ୟାମା ଗୁଚିଙ୍କ ଠାରୁ ସିଧାସଳଖ ୨ଟି ସେଟ୍‌ରେ ହାରିଯାଇଥିଲେ । ପୂର୍ବରୁ ଦୁଇଥର ଅଲିମ୍ପିକ୍ ପଦକ ବିଜେତା ପି.ଭି. ସିନ୍ଧୁ ମଧ୍ୟ ଗତକାଲି ପରାଜିତ ହୋଇଥିଲେ ।

ଆଜି ମହିଳା ଡବଲ୍ସରେ ଭାରତୀୟ ଯୋଡ଼ି ତ୍ରିସା ଜଲି ଏବଂ ଗାୟତ୍ରୀ ଗୋପୀଚାନ୍ଦଙ୍କ ମୁକାବିଲା ଦକ୍ଷିଣ କୋରିଆର ଅଷ୍ଟମ ମାନ୍ୟତାପ୍ରାପ୍ତ ଯୋଡ଼ି କିଙ୍ଗ୍ ହେ ଜିଓଙ୍ଗ ଓ କଙ୍ଗ୍ ହି ୟୋଙ୍ଗଙ୍କ ସହ ହେବ । ଆଜି ମଧ୍ୟ ମିକ୍ସ

ଡବଲ୍ସରେ ଭାରତର ରୋହନ କପୁର ଓ ରୁଥିକା ଗାଡ଼େ ପଞ୍ଚମ ମାନ୍ୟତାପ୍ରାପ୍ତ ଚୀନ୍ ଯୋଡ଼ି ଓ୍ୱେଇ ୟା ଜିନ୍ ଏବଂ ଫେଙ୍ଗ୍ ୟାନ୍ ଜେଙ୍କୁ ଭେଟିବେ ।

## ସ୍କ୍ୱାସ୍-ଅଷ୍ଟ୍ରେଲିଆନ୍ ଓପନ୍

ବ୍ରିସ୍‌ବେନ୍‌ରେ ଚାଲିଥିବା ଅଷ୍ଟ୍ରେଲିଆନ୍ ଓପନ୍ ୨୦୨୫ ସ୍କ୍ୱାସ୍ ପ୍ରତିଯୋଗିତାରେ ଭାରତୀୟ ଖେଳାଳି ଭେଲାଭାନ୍ ସେନ୍ଥିଲ୍‌କୁମାର ପ୍ରି କ୍ୱାର୍ଟର୍ ଫାଇନାଲ୍‌ରେ ହାରିଯାଇଛନ୍ତି । ସେ ସ୍କଟ୍‌ଲାଣ୍ଡର ଗ୍ରେଗ୍ ଲୋବାନ୍‌ଙ୍କ ଠାରୁ ହାରି ପ୍ରତିଯୋଗିତାରୁ ବିଦାୟ ନେଇଛନ୍ତି ।

## ଓଡ଼ିଶା-ହିଟ୍‌ଓ୍ୱେଭ୍

ଓଡ଼ିଶାରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଅନୁଭୂତ ହେଉଛି । ରାଜ୍ୟର ଅଧିକାଂଶ ସ୍ଥାନରେ ଆଜିର ତାପମାତ୍ରା ୪୦ ଡିଗ୍ରୀ ସେଲ୍‌ସିୟସ୍ ଉପରେ ରହିଛି । ଭାରତୀୟ ପାଣିପାଗ ବିଭାଗ ବିଭିନ୍ନ ଜିଲ୍ଲା ପାଇଁ ସତର୍କ ସୂଚନା ଜାରି କରିଛି । ଗତ କିଛି ଦିନ ହେଲା ଉପକୂଳ ଓ ଆଭ୍ୟନ୍ତରୀଣ ଓଡ଼ିଶାର ଅନେକ ସ୍ଥାନରେ ତାପମାତ୍ରା ବୃଦ୍ଧି ପାଇଛି । ଭାରତୀୟ ପାଣିପାଗ ବିଭାଗ ଆସନ୍ତା ୪ ଦିନ ପାଇଁ ରାଜ୍ୟର ବିଭିନ୍ନ ସ୍ଥାନରେ ଗ୍ରୀଷ୍ମ ପ୍ରବାହ ଜାରି ରହିବ ବୋଲି ସୂଚନା ଦେଇଛି ।